ଚିତ୍ତର ଲାଲ

ବନାମ

ରାଜସ୍ଥାନ ରାଜ୍ୟ

21 ଜୁଲାଇ 2003

[ଦୋରାଇସ୍ୱାମୀ ରାଜୁ ଏବଂ ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦଣ୍ଡ ସଂହିତା, 1860 - ଧାରା 302 - ହତ୍ୟା - ନିମ୍ନ ନ୍ୟାୟାଳୟ ଦ୍ୱାରା ଦୋଷୀ ସାବ୍ୟସ୍ତ - ଏକମାତ୍ର ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଉପରେ ଆଧାରିତ - ଅନ୍ୟ ଦୁଇ ଜଣ ସାକ୍ଷୀ ପ୍ରତିକୂଳ ହୋଇଯାଇଥିଲେ - ଏହାର ଯଥାର୍ଥତା - ନିର୍ଣ୍ଣୟ କରାଗଲା : ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟ ଗ୍ରହଣଯୋଗ୍ୟ ହୋଇଥିବାରୁ ଦୋଷୀ ସାବ୍ୟସ୍ତ ହେବା ଯଥାର୍ଥ ଥିଲା ।*

*ଫୌଜଦାରୀ ବିଚାର :*

*F.I.R. ରେ ପ୍ରତ୍ୟକ୍ଷଦର୍ଶୀଙ୍କ ନାମ ଉଲ୍ଲେଖ ନକରିବା - ଏହାର ପ୍ରଭାବ ନିର୍ଣ୍ଣୟ ହେଲା - କେବଳ ନାମ ଉଲ୍ଲେଖ ନକରିବା ଦ୍ୱାରା ଅଭିଯୋଜନ ମାମଲା ଦୁର୍ବଳ ହୁଏ ନାହିଁ ବୋଲି କୁହାଗଲା ।*

*ଏକମାତ୍ର ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟ - ଏହାର ବିଶ୍ୱସନୀୟତା - ଯଦି ଏକମାତ୍ର ସାକ୍ଷୀଙ୍କ ବୟାନ ବିଶ୍ୱସନୀୟ ବୋଲି ଜଣାପଡ଼େ, ତେବେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବାରେ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ ବୋଲି ନିର୍ଣ୍ଣୟ କରାଗଲା - କୌଣସି ସତ୍ୟକୁ ପ୍ରମାଣ କରିବା କିମ୍ବା ଖଣ୍ଡନ କରିବା ପାଇଁ ପ୍ରମାଣର ପରିମାଣ ନୁହେଁ, ବରଂ ଗୁଣବତ୍ତା ଆବଶ୍ୟକ - ସାକ୍ଷ୍ୟ ଅଧିନିୟମ, 1872 - ଧାରା 134 ।*

**ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଅପିଲକାରୀ-ଅଭିଯୁକ୍ତକୁ ଅଭିଯୁକ୍ତ କରାଯାଇଥିଲା । ଏହି ଘଟଣାର ତିନି ଜଣ ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ଥିଲେ । ମୃତକଙ୍କ ପୁଅ ଏଫ୍‌ଆଇଆର୍ ଦାଖଲ କରିଥିଲେ । ବିଚାର ସମୟରେ ଦୁଇଜଣ ପ୍ରତ୍ୟକ୍ଷଦର୍ଶୀ ନିଜ ପକ୍ଷ ବଦଳାଇ ଦେଇଥିଲେ ଏବଂ ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟ ଉପରେ ନିର୍ଭର କରି ବିଚାର କରୁଥିବା ନ୍ୟାୟାଳୟ ଅପିଲକାରୀ-ଅଭିଯୁକ୍ତଙ୍କୁ ଧାରା 302 IPC ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଥିଲେ । ଉଚ୍ଚ ନ୍ୟାୟାଳୟ ଏହି ଦଣ୍ଡାଦେଶକୁ ସୁନିଶ୍ଚିତ କଲେ ।**

**ଏହି ନ୍ୟାୟାଳୟରେ ଅପିଲକାରୀ ଯୁକ୍ତି ଦର୍ଶାଇଥିଲେ ଯେ, ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟ ଉପରେ ନିର୍ଭର କରାଯାଇପାରିବ ନାହିଁ, କାରଣ ତାଙ୍କ ନାମ ଏଫ.ଆଇ.ଆର.ରେ ସ୍ଥାନ ପାଇନାହିଁ; ତାଙ୍କ ସାକ୍ଷ୍ୟ ଯଥାର୍ଥ ଏବଂ ବିଶ୍ୱସନୀୟ ନୁହେଁ; ଘଟଣାସ୍ଥଳରେ ତାଙ୍କର ଉପସ୍ଥିତି ସନ୍ଦେହଜନକ ଥିଲା କାରଣ ଘଟଣା ସମୟରେ ସେ ପରୀକ୍ଷା କକ୍ଷରେ ରହିବା କଥା; ଏବଂ ଏକମାତ୍ର ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟ ଆଧାରରେ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ ।**

**ଏହି ଅପିଲକୁ ଖାରଜ କରି, ଏହି ନ୍ୟାୟଳୟ ନିର୍ଣ୍ଣୟ କଲେ :**

1. ଯେଉଁ ବ୍ୟକ୍ତିଙ୍କ ନାମ ଏଫ୍.ଆଇ.ଆର୍. ରେ ସାକ୍ଷୀ ଭାବରେ ସ୍ଥାନ ପାଇନାହିଁ, ସେ ବାଧବଶତଃ ସନ୍ଦିଗ୍ଧ ହୋଇନଥାଏ । ସମସ୍ତ ସାକ୍ଷୀଙ୍କ ନାମ, ବିଶେଷକରି ପ୍ରତ୍ୟକ୍ଷଦର୍ଶୀଙ୍କ ନାମ ଏଫ.ଆଇ.ଆର.ରେ ଉଲ୍ଲେଖ କରାଯିବା ଉଚିତ ବୋଲି କୌଣସି କଠୋର ନିୟମ ହୋଇପାରିବ ନାହିଁ । କେବଳ ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ନାମ ଉଲ୍ଲେଖ ନକରିବା ଦ୍ୱାରା ଅଭିଯୋଜନର ବୟାନ ଦୁର୍ବଳ ହୁଏ ନାହିଁ । ବର୍ତ୍ତମାନର ମାମଲାରେ, ପ୍ରତ୍ୟକ୍ଷଦର୍ଶୀଙ୍କ ଦ୍ୱାରା ସୂଚନା ଦାଖଲ କରାଯାଇ ନଥିଲା । ଯେଉଁ ବ୍ୟକ୍ତିର ପିତା ମୃତ୍ୟୁବରଣ କରିଛନ୍ତି, ତାଙ୍କର ମାନସିକ ସ୍ଥିତି ନିଶ୍ଚିତ ରୂପେ ବିଚଳିତ ହୋଇପଡେ । ପି.ଡବ୍ଲ୍ୟୁ. ଙ୍କ ନାମ ଉଲ୍ଲେଖ ନକରିବା ପାଇଁ ସାକ୍ଷୀମାନଙ୍କ ଦ୍ୱାରା ଦିଆଯାଇଥିବା ସ୍ପଷ୍ଟୀକରଣ ଯୁକ୍ତିଯୁକ୍ତ ଅଟେ । ଘଟଣାର ତଦନ୍ତ ପ୍ରକ୍ରିୟା ଆରମ୍ଭ ହେବାର ତୁରନ୍ତ ପରେ ସେହି ସମାନ ତାରିଖରେ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଲିପିବଦ୍ଧ କରାଯାଇଥିଲା ।

2. ଏହା କୁହାଯାଇପାରିବ ନାହିଁ ଯେ କୌଣସି ଜଣେ ସାକ୍ଷୀଙ୍କ ସାକ୍ଷ୍ୟ ଆଧାରରେ ଦୋଷୀ ସାବ୍ୟସ୍ତ ହେବା ଉଚିତ ନୁହେଁ । କୌଣସି ନିର୍ଦ୍ଦିଷ୍ଟ ସଂଖ୍ୟକ ସାକ୍ଷୀଙ୍କ ଉପରେ ଗୁରୁତ୍ୱ ଦିଆଯାଇପାରିବ ନାହିଁ ବୋଲି ଆଇନଗତ ସ୍ୱୀକୃତି ସାକ୍ଷ୍ୟ ଅଧିନିୟମ, 1872 ର ଧାରା 134ରେ ବ୍ୟାପକ ଭାବେ ପ୍ରତିଫଳିତ ହୋଇଛି । ଯଦି ଅନେକ ସଂଖ୍ୟକ ସାକ୍ଷୀଙ୍କ ଉପରେ ଗୁରୁତ୍ୱ ଦିଆଯାଏ, ତେବେ ନ୍ୟାୟର ପରିଚାଳନା ପ୍ରଭାବିତ ଏବଂ ବାଧାପ୍ରାପ୍ତ ହୋଇପାରେ । ଜଣେ ସାକ୍ଷୀଙ୍କ ଉପସ୍ଥିତିରେ ଅପରାଧ ଘଟିବାର ଘଟଣା ବିରଳ ନୁହେଁ, ସେହିସବୁ ଘଟଣାକୁ ବାଦ ଦେଲେ ଯାହା ଅଜଣା ଘଟଣାର ନୁହେଁ, ଯେଉଁଠାରେ ଦୋଷୀ ସାବ୍ୟସ୍ତ କରିବା ସମ୍ପୂର୍ଣ୍ଣ ଭାବେ ପରୋକ୍ଷ ପ୍ରମାଣ ଉପରେ ନିର୍ଭର କରେ । ଯଦି ବହୁସଂଖ୍ୟକ ସାକ୍ଷୀଙ୍କ ସାକ୍ଷ୍ୟ ବୈଧାନିକ ଉଦ୍ଦେଶ୍ୟ ହୋଇଥାନ୍ତା, ତେବେ ଯେଉଁ ମାମଲାଗୁଡ଼ିକରେ କେବଳ ଜଣେ ସାକ୍ଷୀଙ୍କ ସାକ୍ଷ୍ୟ ଉପଲବ୍ଧ ହୋଇଥାଆନ୍ତା, ଅନେକ ଅପରାଧରେ ଅପରାଧୀ ଦଣ୍ଡରୁ ମୁକ୍ତ ହୋଇଥାନ୍ତେ । ଏହା ହେଉଛି ଏକମାତ୍ର ସାକ୍ଷୀଙ୍କ ସାକ୍ଷ୍ୟର ଗୁଣବତ୍ତା ଯାହାର ସାକ୍ଷ୍ୟକୁ ବିଶ୍ୱସନୀୟତା ଏବଂ ନିର୍ଭରଯୋଗ୍ୟତାର ପରୀକ୍ଷା ପଥରରେ ଯାଞ୍ଚ କରିବାକୁ ହେବ । ଯଦି ଏହି ସାକ୍ଷ୍ୟ ବିଶ୍ୱସନୀୟ ବୋଲି ଜଣାପଡ଼େ, ତେବେ ଏପରି ପ୍ରମାଣ ଉପରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବାରେ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ । କୌଣସି ତଥ୍ୟକୁ ପ୍ରମାଣ କରିବା କିମ୍ବା ଖଣ୍ଡନ କରିବା ପାଇଁ ପ୍ରମାଣର ପରିମାଣ ନୁହେଁ, ବରଂ ଗୁଣବତ୍ତା ହିଁ ଆବଶ୍ୟକ ।

*ମହମ୍ମଦ ଗୁଗଲ୍ ଏସା ମାମାସନ୍ ଗେର୍. ଆଲାଲା ବନାମ ରାଜା,* AIR (1946) PC 3, ଉଲ୍ଲେଖ କରାଯାଇଛି ।

*ଭାଦିଭେଲୁ ଥେବର ବନାମ ମାଡ୍ରାସ ରାଜ୍ୟ,* AIR (1957) SC 614; *ଗୁଲି ଚାନ୍ଦ ଏବଂ ଅନ୍ୟମାନେ ବନାମ ରାଜସ୍ଥାନ ରାଜ୍ୟ,* AIR (1974) SC 276; *ଯାହୁଲା ଭୁଷଣ ଓରଫ ଭେହୁନା କୃଷନ ବନାମ ଏମ୍.ପି. ରାଜ୍ୟ,* AIR (1989) SC 236; *ଜଗଦୀଶ ପ୍ରସାଦ ଏବଂ ଅନ୍ୟମାନେ ବନାମ ଏମ୍.ପି. ରାଜ୍ୟ,* AIR (1994) SC 1251 ଏବଂ *କାର୍ତ୍ତିକ ମଲହାର ବନାମ ବିହାର ରାଜ୍ୟ,* [1996] 1 SCC 614, କୁ ଉଲ୍ଲେଖ କରାଯାଇଛି ।

# ଚିଉର ଲାଲ ବନାମ ରାଜସ୍ଥାନ ରାଜ୍ୟ [ନ୍ୟାୟମୂର୍ତ୍ତି, ପଶାୟତ]

**3. ପି.ଡବ୍ଲ୍ୟୁ. 3 ର ପ୍ରମାଣକୁ ବିଶ୍ୱସନୀୟତା ଏବଂ ନିର୍ଭରଯୋଗ୍ୟତାର କଠିନ ପରୀକ୍ଷାରେ ଅସୁରକ୍ଷିତ ଭାବେ ଅଣାଯାଇଛି ତେଣୁ, ତାଙ୍କ ସାକ୍ଷ୍ୟକୁ ସନ୍ଦେହ କରିବାର କୌଣସି ଯଥାର୍ଥତା ନାହିଁ । ଯାଞ୍ଚ ସମୟରେ ତାଙ୍କର ଉପସ୍ଥିତିକୁ ନେଇ ଉଭୟ ବିଚାର କରୁଥିବା ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବିସ୍ତୃତ ଭାବେ ତର୍ଜମା କରାଯାଇଛି ଏବଂ ଏହା ଜଣାପଡିଛି ଯେ ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ଯାଞ୍ଚ ସମୟରେ ଉପସ୍ଥିତ ରହିନଥିଲେ ଏବଂ ଘଟଣାସ୍ଥଳରେ ତାଙ୍କର ଉପସ୍ଥିତି ପ୍ରମାଣିତ ହୋଇଛି ।**

ଫୌଜଦାରୀ ଅପିଲୀୟ କ୍ଷେତ୍ରାଧିକାରିତା : ଫୌଜଦାରୀ ଅପିଲ ସଂଖ୍ୟା 845/2002 ।

ଡି.ବି. ଫୌଜଦାରୀ ଅପିଲ ସଂଖ୍ୟା 225/1998 ରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କ ତା 8.10.2001 ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ସୁଶ୍ରୀ ମିନାକ୍ଷୀ ଭିଜ ।

ଉତ୍ତରଦାତାଙ୍କ ପାଇଁ ସୁଶ୍ରୀ ସନ୍ଧ୍ୟା ଗୋସ୍ୱାମୀ ।

**ନ୍ୟାୟମୂର୍ତ୍ତି, ଅରିଜିତ୍ ପଶାୟତଙ୍କ** ଦ୍ୱାରା ନ୍ୟାୟାଳୟର ରାୟ ପ୍ରଦାନ କରାଗଲା ।

ଭାରତୀୟ ଦଣ୍ଡ ସଂହିତା, 1860 (ସଂକ୍ଷେପରେ 'ଆଇ.ପି.ସି.') ର ଧାରା 302 ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ କୋଟା ସ୍ଥିତ ଦୌରା ବିଚାରପତିଙ୍କ ଦ୍ୱାରା କରାଯାଇଥିବା ଦୋଷୀ ସାବ୍ୟସ୍ତକୁ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ଜୟପୁର ବିଚାରପୀଠରେ ଏକ ଦୁଇଜଣିଆ ବିଚାରପତିଙ୍କ ବିଚାରପୀଠ ଦ୍ୱାରା ସୁନିଶ୍ଚିତ ହେବା ପରେ, ଅଭିଯୁକ୍ତଙ୍କ ଦ୍ୱାରା ଏହି ଅପିଲ ଆଗତ କରାଯାଇଛି ।

ବିଚାର ସମୟରେ ଯେଉଁ ବାସ୍ତବ ପରିଦୃଶ୍ୟ ସାମ୍ନାକୁ ଆସିଥିଲା ତାହା ନିମ୍ନରେ ଦିଆଗଲା :

ତା 26.4.1994 ରିଖରେ ସପ୍ତତିବର୍ଷ ବୟସ୍କ ଲାଟୋର ଲାଲ (ଏହାପରେ ''ମୃତକ' ବୋଲି କୁହାଯିବ) ସକାଳ ପ୍ରାୟ 7.30 ରେ ମୃତ୍ୟୁବରଣ କରିଥିଲେ । ସେ ତାଙ୍କ ଗାଈମାନଙ୍କୁ ନେଇ ମଦନ ଲାଲଙ୍କ ଘର ଆଗ ଦେଇ ଯାଉଥିଲେ । ଅଭିଯୁକ୍ତ-ଅପିଲକାରୀ ଚିଉର ଲାଲ ତାଙ୍କୁ ଛୁରୀରେ ଆଘାତ କରିଥିଲେ ଯାହା ଫଳରେ ତାଙ୍କର ତତକ୍ଷଣାତ ମୃତ୍ୟୁ ଘଟିଥିଲା । ଏହି ଘଟଣାର ସାକ୍ଷୀ ଥିଲେ ଧନ ରାଜ (ପି.ଡବ୍ଲ୍ୟୁ. 3), ଶିବ ପ୍ରକାଶ (ପି.ଡବ୍ଲ୍ୟୁ. 5), ନାଥୁ ଲାଲ (ପି.ଡବ୍ଲ୍ୟୁ. 6) ଏବଂ ଅନ୍ୟମାନେ । ମୃତକଙ୍କ ପୁଅ ହୀରା ଲାଲ (ପି.ଡବ୍ଲ୍ୟୁ. 1) ସକାଳ ପ୍ରାୟ 8.15 ରେ ଥାନାରେ ବିବରଣୀ ଦାଖଲ କରିଥିଲେ । ଅଭିଯୁକ୍ତ, ହୀରାଲାଲ (ପି.ଡବ୍ଲ୍ୟୁ. 1) ଙ୍କ ଘର ଆଡ଼କୁ ଆସୁଥିବାର ଜଣାପଡ଼ିବା ପରେ ତାଙ୍କ ମାଆ କବାଟ ବନ୍ଦ କରିଦେଇଥିଲେ । ଯେତେବେଳେ ସେ ଛାତକୁ ଗଲେ, ସେ ଦେଖିଲେ ଅଭିଯୁକ୍ତ ହାତରେ ଛୁରୀ ଧରି ଡାକ୍ତରଖାନା ଆଡ଼କୁ ଦୌଡୁଛି । ସେ ସେଠାରେ ପହଞ୍ଚି ତାଙ୍କ ବାପାଙ୍କୁ ମୃତ ଅବସ୍ଥାରେ ପାଇଥିଲେ । ଏହି ଆକ୍ରମଣର ମୂଳ ଉଦ୍ଦେଶ୍ୟ ଅଭିଯୁକ୍ତଙ୍କ ପିତା ମୋତି ଲାଲ ତାଙ୍କ ଝିଅ ଶ୍ରୀମତୀ ଗଙ୍ଗା ବାଈ (ପି.ଡବ୍ଲ୍ୟୁ. 16)ଙ୍କ ସପକ୍ଷରେ ଗୋଟିଏ ଘରର ଇଚ୍ଛାପତ୍ର କାର୍ଯ୍ୟକାରୀ କରିଥିଲେ ବୋଲି କୁହାଯାଇଥିଲା, ଯିଏ

ପରେ ଘରଟିକୁ ଭରତ କୁମାର (ପି.ଡବ୍ଲ୍ୟୁ.8) (ସୂଚନାକାରୀଙ୍କ ଭାଇ)ଙ୍କୁ ବିକ୍ରି କରିଦେଇଥିଲେ । ଅଭିଯୁକ୍ତଙ୍କୁ ଏହି କାର୍ଯ୍ୟ ପସନ୍ଦ ଆସିନଥିଲା ଏବଂ ମୃତକଙ୍କ ପ୍ରତି ତାଙ୍କର ବିଦ୍ୱେଷ ଭାବ ସୃଷ୍ଟି ହୋଇଥିଲା । ଏତଲା ପଞ୍ଜିକରଣ ପରେ ତଦନ୍ତ କରାଯାଇଥିଲା ଏବଂ ଅଭିଯୋଗ ପତ୍ର ଦାଖଲ କରାଯାଇଥିଲା । ଡାକ୍ତର (ପି.ଡବ୍ଲ୍ୟୁ. 18) ଙ୍କ ଦ୍ୱାରା ପୋଷ୍ଟମର୍ଟମ କରାଯାଇଥିଲା, ଯିଏ ଦୁଇଟି ଛୁରୀ ଆଘାତ ପାଇଥିଲେ; ଗୋଟିଏ ଫୁସଫୁସ ଆବରଣ ଗହ୍ୱର ସହିତ ଛାତିର ମଝି ଭାଗରେ ଥିବା ହାଡରେ ଆଘାତ ଏବଂ ଅନ୍ୟଟି 3/4 "x 1/4" ପେଟ ଗହ୍ୱର ଏବଂ 4 ", 2" ନାଭିର ବାମ ପାର୍ଶ୍ୱରେ ଆଘାତ ଥିଲା । ଏହି ମାମଲା କୋଟାର ଦୌରା ବିଚାରପତିଙ୍କ ନ୍ୟାୟାଳୟରେ ଉପସ୍ଥାପିତ ହୋଇଥିଲା ଏବଂ ତାଙ୍କ ଦ୍ୱାରା ବିଚାର କରାଯାଇଥିଲା । ଅଭିଯୋଜନ ପକ୍ଷ ଏହାକୁ ଆଗକୁ ବଢାଇବା ପାଇଁ 18 ଜଣ ସାକ୍ଷୀଙ୍କୁ ପରୀକ୍ଷା କରିଥିଲା । ଅଭିଯୁକ୍ତ ଜଣକ ନିର୍ଦ୍ଦୋଷ ବୋଲି ଦାବୀ କରିଥିଲେ ।

ବିଚାର ସମୟରେ ଦୁଇ ଜଣ ସାକ୍ଷୀ, ଯେଉଁମାନେ ନିଜକୁ ପ୍ରତ୍ୟକ୍ଷଦର୍ଶୀ ବୋଲି ଦାବି କରୁଥିଲେ (ପି.ଡବ୍ଲ୍ୟୁ. 5 ଏବଂ 6), ତଦନ୍ତ ସମୟରେ ଦେଇଥିବା ବୟାନରୁ ଓହରି ଯାଇଥିଲେ । ତେବେ, ଧନରାଜ (ପି.ଡବ୍ଲ୍ୟୁ. 3) ଅଭିଯୁକ୍ତକୁ ସଂଶ୍ଳିଷ୍ଟ କରିଥିଲେ ।

ତାଙ୍କ ପ୍ରମାଣ ଉପରେ ନିର୍ଭର କରି ବିଚାର କରୁଥିବା ନ୍ୟାୟାଳୟ ଅଭିଯୁକ୍ତକୁ ଆଇପିସିର ଧାରା 307 ଅନୁଯାୟୀ ଦଣ୍ଡନୀୟ ଅପରାଧରେ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ ।

ଅପିଲର ସମର୍ଥନରେ, ଅପିଲକାରୀଙ୍କ ବିଦ୍ୱାନ ଓକିଲ ଦର୍ଶାଇଥିଲେ ଯେ ଏଫ୍.ଆଇ.ଆର୍. ରେ ତାଙ୍କ ନାମ ନ ଥିବାରୁ ପି.ଡବ୍ଲ୍ୟୁ. 3 ର ପ୍ରମାଣ ଉପରେ ନିର୍ଭର କରାଯାଇ ପାରିବ ନାହିଁ । ଏଥିସହିତ ଜଣେ 15 ବର୍ଷ ବୟସ ବାଳକର ଏକମାତ୍ର ସାକ୍ଷ୍ୟକୁ ଆଧାର କରି ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ । ପି.ଡବ୍ଲ୍ୟୁ. 3 ର ପ୍ରମାଣ ଯୁକ୍ତିଯୁକ୍ତ ଏବଂ ବିଶ୍ୱସନୀୟ ନୁହେଁ ଏବଂ ନିର୍ଭରଯୋଗ୍ୟତାର ଅଭାବ ରହିଛି । ଘଟଣା ସ୍ଥଳରେ ତାଙ୍କର ଉପସ୍ଥିତି ସନ୍ଦେହଜନକ ଅଟେ । ଘଟଣାଟି ସକାଳ ପ୍ରାୟ 7.30 ସମୟରେ ଘଟିଥିବା ଦାବି କରାଯାଇଛି ଯେତେବେଳେ ସେ ପରୀକ୍ଷା କକ୍ଷରେ ରହିବା କଥା । ସେ ଷଷ୍ଠ ଶ୍ରେଣୀର ଛାତ୍ର ଥିଲେ ଏବଂ ତାଙ୍କ ଦାବି ଅନୁଯାୟୀ ସେ ମୌଖିକ ପରୀକ୍ଷାରେ 20 ଅଙ୍କ ପାଇଥିଲେ ବୋଲି ବିଶ୍ୱାସ କରିବା କଷ୍ଟକର । ଅପରପକ୍ଷରେ ଏହା ଜଣାପଡୁଛି ଯେ ସେହି ତାରିଖରେ ଅନୁଷ୍ଠିତ ପରୀକ୍ଷାରେ ସେ ଏହି ଅଙ୍କ ପାଇଥିଲେ । ଯଦି ସେ ପରୀକ୍ଷାରେ ଉପସ୍ଥିତ ହୋଇଥିଲେ, ତେବେ ସେ ଘଟଣାଟିକୁ ଦେଖିଥିବାର ପ୍ରଶ୍ନ ଉଠୁନାହିଁ ।

ଏହି ମାମଲା ଉପସ୍ଥାପନ କରାଯିବା ସମୟରେ ରାଜସ୍ଥାନ ରାଜ୍ୟ ପକ୍ଷରୁ କେହି ଉପସ୍ଥିତ ହୋଇନଥିଲେ ।

ଯେଉଁ ବ୍ୟକ୍ତିଙ୍କ ନାମ ଏଫ୍.ଆଇ.ଆର୍. ରେ ସାକ୍ଷୀ ଭାବରେ ସ୍ଥାନ ପାଇନାହିଁ, ତାଙ୍କ ସାକ୍ଷ୍ୟ ବାଧବଶତଃ ସନ୍ଦେହଜନକ ନୁହେଁ । ଏଫ୍.ଆଇ.ଆର୍. ରେ ସମସ୍ତ ସାକ୍ଷୀଙ୍କ ନାମ, ବିଶେଷ କରି ପ୍ରତ୍ୟକ୍ଷଦର୍ଶୀଙ୍କ ନାମ ଉଲ୍ଲେଖ କରିବା ପାଇଁ କୌଣସି କଠୋର ନିୟମ ନାହିଁ । *ଶ୍ରୀ ଭଗବାନ ବନାମ ରାଜସ୍ଥାନ ରାଜ୍ୟ,* [2001] 6 SCC 296 ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ପର୍ଯ୍ୟବେକ୍ଷଣ କରାଯାଇଥିବା ପରି କେବଳ ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ନାମ

ଉଲ୍ଲେଖ ନକରିବା ଦ୍ୱାରା ଅଭିଯୋଜନ ପକ୍ଷକୁ ଦୁର୍ବଳ କରାଯାଇପାରିବ ନାହିଁ । ପ୍ରତ୍ୟକ୍ଷଦର୍ଶୀଙ୍କ ଦ୍ୱାରା ଏହି ସୂଚନା ଦାଖଲ କରାଯାଇ ନଥିଲା । ଯେଉଁ ବ୍ୟକ୍ତିଙ୍କ ପିତା ପ୍ରାଣ ହରାଇଛନ୍ତି, ତାଙ୍କର ମାନସିକ ଅବସ୍ଥା ନିଶ୍ଚିତ ଭାବେ ବିଚଳିତ ହୋଇପଡେ । ପି.ଡବ୍ଲ୍ୟୁ. 3 ର ନାମ ଉଲ୍ଲେଖ ନକରିବା ପାଇଁ ସାକ୍ଷୀମାନଙ୍କ ଦ୍ୱାରା ଦିଆଯାଇଥିବା ସ୍ପଷ୍ଟୀକରଣ ଯୁକ୍ତିଯୁକ୍ତ । ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ, ଏହି ମାମଲାରେ ପି.ଡବ୍ଲୁ. 3ର ବୟାନ ଘଟଣାର ସେହି ଦିନ ନଥିଭୁକ୍ତ କରାଯାଇଥିଲା, ଯେତେବେଳେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ତେଣୁ, ପି.ଡବ୍ଲୁ. 3ଙ୍କ ସାକ୍ଷ୍ୟକୁ ନେଇ ସନ୍ଦେହ ଉପୁଜିବା ଅଭିଯୋଗ ଭିତ୍ତିହୀନ । ଅନ୍ୟ ଏକ ଯୁକ୍ତି ଥିଲା ଯେ ଜଣେ ମାତ୍ର ସାକ୍ଷୀ (ପି.ଡବ୍ଲ୍ୟୁ. 3)ଙ୍କ ସାକ୍ଷ୍ୟ ଆଧାରରେ ଦୋଷୀ ସାବ୍ୟସ୍ତ କରାଯିବା ଉଚିତ ନୁହେଁ । ଏହି ଯୁକ୍ତି ମଧ୍ୟ ସମାନ ଭାବେ ନିରର୍ଥକ । କୌଣସି ନିର୍ଦ୍ଦିଷ୍ଟ ସଂଖ୍ୟକ ସାକ୍ଷୀଙ୍କ ଉପରେ ଗୁରୁତ୍ୱ ଦିଆଯାଇପାରିବ ନାହିଁ ବୋଲି ବୈଧାନିକ ସ୍ୱୀକୃତି ଭାରତୀୟ ସାକ୍ଷ୍ୟ ଅଧିନିୟମ, 1872 (ସଂକ୍ଷେପରେ 'ସାକ୍ଷ୍ୟ ଅଧିନିୟମ') ର ଧାରା 134 ରେ ବ୍ୟାପକ ଭାବରେ ପ୍ରତିଫଳିତ ହୋଇଛି । ଯଦି ଅନେକ ସଂଖ୍ୟକ ସାକ୍ଷୀଙ୍କ ଉପରେ ଗୁରୁତ୍ୱ ଦିଆଯାଏ, ତେବେ ନ୍ୟାୟର ପରିଚାଳନା ପ୍ରଭାବିତ ଏବଂ ବାଧାପ୍ରାପ୍ତ ହୋଇପାରେ । ଜଣେ ସାକ୍ଷୀଙ୍କ ଉପସ୍ଥିତିରେ ଅପରାଧ ଘଟିବାର ଘଟଣା ବିରଳ ନୁହେଁ, ସେହିସବୁ ଘଟଣାକୁ ବାଦ ଦେଲେ ଯାହା ଅଜଣା ଘଟଣାର ନୁହେଁ, ଯେଉଁଠାରେ ଦୋଷୀ ସାବ୍ୟସ୍ତ କରିବା ସମ୍ପୂର୍ଣ୍ଣ ଭାବେ ପରୋକ୍ଷ ପ୍ରମାଣ ଉପରେ ନିର୍ଭର କରେ । ଯଦି ବହୁ ସଂଖ୍ୟକ ସାକ୍ଷୀ ରହିବା ଆଇନଗତ ଉଦ୍ଦେଶ୍ୟ ମାମଲା ହୋଇଥାଆନ୍ତା, ତେବେ ଯେଉଁଠାରେ କେବଳ ଜଣେ ସାକ୍ଷୀଙ୍କ ସାକ୍ଷ୍ୟ ଉପଲବ୍ଧ ହୋଇଥାନ୍ତା, ତେବେ ଅନେକ ଅପରାଧରେ ଅପରାଧୀ ଦଣ୍ଡରୁ ମୁକ୍ତ ହୋଇଥାନ୍ତେ । ଏହା ହେଉଛି ଏକମାତ୍ର ସାକ୍ଷୀଙ୍କ ସାକ୍ଷ୍ୟର ଗୁଣବତ୍ତା ଯାହାର ସାକ୍ଷ୍ୟକୁ ବିଶ୍ୱସନୀୟତା ଏବଂ ନିର୍ଭରଯୋଗ୍ୟତାର ମାନଦଣ୍ଡରେ ପରୀକ୍ଷା କରିବାକୁ ପଡିବ । ଯଦି ସାକ୍ଷ୍ୟ ନିର୍ଭରଯୋଗ୍ୟ ବୋଲି ଜଣାପଡ଼େ, ତେବେ ଏପରି ପ୍ରମାଣ ଉପରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ । କୌଣସି ତଥ୍ୟକୁ ପ୍ରମାଣ କରିବା କିମ୍ବା ଅସ୍ୱୀକାର କରିବା ପାଇଁ ସାକ୍ଷ୍ୟର ପରିମାଣ ନୁହେଁ, ବରଂ ଗୁଣବତ୍ତା ଆବଶ୍ୟକ । ଏହି ସ୍ଥିତି ଅନେକ ନିଷ୍ପତ୍ତି ଦ୍ୱାରା ସ୍ଥିର ହୋଇଛି । ପ୍ରଥମ ନିଷ୍ପତ୍ତି ଯାହା ପ୍ରାମାଣିକ ପରିଚ୍ଛେଦରେ ପରିଣତ ହୋଇଛି ତାହା ହେଉଛି *ମହମ୍ମଦ ଗୁଗଲ୍ ଏସା ମାମାସାନ୍ ଗେର୍ ଆଲାଲା ବନାମ ଦି କିଙ୍ଗ,* AIR (1946) PC 3 । ଉପଦେଷ୍ଟା ପରିଷଦ ଇଂରାଜୀ ଆଇନ ମଧ୍ୟରେ ପାର୍ଥକ୍ୟ ଉପରେ ଧ୍ୟାନ ଦେଇଥିଲେ ଯେଉଁଠାରେ ଅନେକ ଆଇନ କେବଳ ଜଣେ ସାକ୍ଷୀଙ୍କ ସାକ୍ଷ୍ୟ ଏବଂ ସାକ୍ଷ୍ୟ ଅଧିନିୟମର ଧାରା 134 ଉପରେ କିଛି ନିର୍ଦ୍ଦିଷ୍ଟ ବର୍ଗର ଅପରାଧ ପାଇଁ ଦୋଷୀ ସାବ୍ୟସ୍ତକୁ ଅଣସ୍ୱୀକୃତି କରିଥାଏ । ଏହି ମତ *ଭାଦିଭେଲୁ ଥେବର ବନାମ ମାଡ୍ରାସ ରାଜ୍ୟ,* AIR (1957) SC 614, *ଗୁଲି ଚାନ୍ଦ ଏବଂ ଅନ୍ୟମାନେ ବନାମ ରାଜସ୍ଥାନ ରାଜ୍ୟ,* AIR (1974) SC 276, *ଭାହୁଲା ଭୁଷଣ ଓରଫ ଭେହୁନା କୃଷ୍ଣନ୍ ବନାମ ତାମିଲନାଡୁ ରାଜ୍ୟ,* AIR (1989) SC 236, *ଜଗଦୀଶ ପ୍ରସାଦ ଏବଂ ଅନ୍ୟମାନେ ବନାମ ଏମ୍.ପି. ରାଜ୍ୟ,* AIR (1994) SC 1251 ଏବଂ *କାର୍ତ୍ତିକ ମଲହାର ବନାମ ବିହାର ରାଜ୍ୟ,* [1996] 1 SCC614 ରେ ପ୍ରତିଫଳିତ କରାଯାଇଛି ।

ବିଶ୍ୱସନୀୟତା ଏବଂ ନିର୍ଭରଯୋଗ୍ୟତାର କଠିନ ପରୀକ୍ଷାରେ ପି.ଡବ୍ଲ୍ୟୁ. 3 ଙ୍କ ସାକ୍ଷ୍ୟ ଅକ୍ଷୁର୍ଣ୍ଣ ରହିଛି ତେଣୁ, ତାଙ୍କ ସାକ୍ଷ୍ୟ ଉପରେ ସନ୍ଦେହ କରିବାର କୌଣସି ଯଥାର୍ଥତା ନାହିଁ । ପରୀକ୍ଷାରେ ତାଙ୍କର କଥିତ ଉପସ୍ଥିତି

ସମ୍ପର୍କରେ ବାସ୍ତବ ଦିଗକୁ ବିଚାର କରୁଥିବା ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ ଉଭୟ ବିସ୍ତୃତ ଭାବରେ ବିଶ୍ଳେଷଣ କରିଛନ୍ତି ଏବଂ ଏହା ଜଣାପଡିଛି ଯେ ପିଡବ୍ଲ୍ୟୁ 3 ପରୀକ୍ଷାରେ ଉପସ୍ଥିତ ହୋଇ ନଥିଲେ ଏବଂ ଘଟଣାସ୍ଥଳରେ ତାଙ୍କର ଉପସ୍ଥିତି ପ୍ରମାଣିତ ହୋଇଛି । ସେହି ସ୍ଥିତି ହେତୁ ଅଭିଯୁକ୍ତ-ଅପିଲକାରୀଙ୍କ ଉକ୍ତ ଆବେଦନ ମଧ୍ୟ ବିଫଳ ହୋଇଛି । ଯଦିଓ ରାଜସ୍ଥାନ ରାଜ୍ୟ ତରଫରୁ କେହି ଉପସ୍ଥିତ ନଥିଲେ, ସୁଶ୍ରୀ ମିନାକ୍ଷୀ ଭିଜ ଯିଏ ନ୍ୟାୟ ମିତ୍ର ଭାବରେ ଉପସ୍ଥିତ ହୋଇଥିଲେ, ସେ ସମ୍ପୂର୍ଣ୍ଣ ତଥ୍ୟକୁ ବିଚାର ପାଇଁ ନଥିରେ ଉପସ୍ଥାପନ କରିଛନ୍ତି ଏବଂ ଆମେ ଏହି ନିରପେକ୍ଷ ଆଭିମୁଖ୍ୟ ପାଇଁ ଆମର ପ୍ରଶଂସା ପ୍ରକାଶ କରୁଛୁ ।

ଅପିଲ ବିଫଳ ହୋଇଛି ଏବଂ ଏହାକୁ ଖାରଜ କରିଦିଆଯାଇଛି ।

କେ.କେ.ଟି. ଅପିଲଟି ଖାରଜ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*
ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।